## ସଂକ୍ଷେପରେ

### କୁଲଡ଼ିହାରୁ ଶିକାରୀ ଗିରଫ

#### ୨ ଦେଶୀ ବନ୍ଧୁକ ଜବତ

ନୀଳଗିରି,୧୭।୯(ପ୍ରଶାନ୍ତ ବିଶ୍ୱାଳ)- ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟ ଗୋହିରାଭୋଳ ନିକଟରୁ ବନ ବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ୨ ଦେଶୀ ବନ୍ଧୁକ ଜବତ କରିଛି। ଗିରଫ ଶିକାରୀ ହେଲେ ବରହମପୁର ଥାନା କେସିପୁର ପଞ୍ଚାୟତ ବେତକଟା ଅଞ୍ଚଳର ରାମଚନ୍ଦ୍ର କୁସମାଳିଆ (୪୧)।

ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ରାମଚନ୍ଦ୍ର କୁଲଡ଼ିହା ଅଭୟାରଣ୍ୟ ଜୋଡ଼ାଚୁଆ ଫରେଷ୍ଟ ବାଲିଆନାଳ ବିଟ୍ ଅଞ୍ଚଳରେ ଶୀକାର କରିବାକୁ ପ୍ରବେଶ କରିଥିଲେ। ଖବର ପାଇ କୁଲଡ଼ିହା ରେଞ୍ଜର ପ୍ରବୀର ମୁର୍ମୁଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀମାନେ ଗୋହିରାଭୋଳଠାରେ ରାମଚନ୍ଦ୍ରଙ୍କୁ ଧରିବା ସହ ତାଙ୍କ ପାଖରୁ ୨ ଦେଶୀ ବନ୍ଧୁକ ଜବତ କରିଥିଲେ। ଚଢ଼ାଉରେ ଫରେଷ୍ଟର ସୌମ୍ୟରଞ୍ଜନ ମାଝି, ଫରେଷ୍ଟ ଗାର୍ଡ଼ ଓ ସବୁଜ ବାହିନୀ ସାମିଲ୍ ଥିଲେ। ଏନେଇ କୁଲଡ଼ିହା ବନ ବିଭାଗ ପକ୍ଷରୁ ମାମଲା (ନଂ.୬-କେ/୨୦୨୩-୨୪) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ଦିବସ

ତିହିଡ଼ି,୧୭।୯(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ିସ୍ଥିତ ସତ୍‌ସଙ୍ଗ ବିହାରଠାରେ ଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ତମ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ପ୍ରତ୍ୟୁଷରେ ସାହାନାଇ, ଉଷା କୀର୍ତ୍ତନ ପରେ ସଦଗ୍ରନ୍ଥ ପାଠ କରାଯାଇଥିଲା। ପୂର୍ବାହ୍ନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରେ ସତ୍‌ସଙ୍ଗ ବିହାର ସଭାପତି ସହ ପ୍ରତି ରିତିକ ଗଣେଶ ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଧର୍ମସଭା ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଧର୍ମଯାଜକ ଅଶୋକ ନାୟକ ଯୋଗଦେଇ ଜୀବନକୁ ସରସ ସୁନ୍ଦର କରିବାକୁ ହେଲେ ଆବଶ୍ୟକ ଥିବା ମାର୍ଗ ଉପରେ ଆଲୋକପାତ କରିଥିଲେ। ସତ୍‌ସଙ୍ଗ ବିହାର ସମ୍ପାଦକ ସହ ପ୍ରତି ରିତିକ ନବକିଶୋର ପତି ମନ୍ଦିର ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଧର୍ମଯାଜକ ଚକ୍ରଧର ଓଝା, ଗଙ୍ଗାଧର ଦତ୍ତ, ଶ୍ରୀଧର ସାହୁ, ସୁଲୋଚନା ସାହୁ, ଦୀନବନ୍ଧୁ ପାଣିଗ୍ରାହୀ, ନିର୍ମଳେନ୍ଦୁ ସାହୁ ଭକ୍ତି ସଙ୍ଗୀତ ଓ କୀର୍ତ୍ତନ ପରିବେଷଣ କରିଥିଲେ। ସହପ୍ରତି ରିତିକ ପୂର୍ଣ୍ଣଚନ୍ଦ୍ର ନାୟକ, ଧର୍ମଯାଜକ ବୀରେନ୍ଦ୍ର ନାୟକ, କୃପାସିନ୍ଧୁ ସାହୁ, ଫନିନ୍ଦ୍ର ଓଝା, କଳ୍ପତରୁ ଦାସ, କୈଳାସ ଚନ୍ଦ୍ର ସାହୁ, ଅଭିମନ୍ୟୁ ବାରିକ ପ୍ରମୁଖ ସତ୍‌ସଙ୍ଗରେ ଉପସ୍ଥିତ ଥିଲେ।

### ଜଗତେଶ୍ୱର ମନ୍ଦିର ପରିସରରେ ଲାଗିଲା ହାଇମାଷ୍ଟ ଲାଇଟ



ଧାମନଗର,୧୭।୯(ଦେବେନ୍ଦ୍ର ଆଦ୍ଦିଆ)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଥିବା ଜଗତେଶ୍ୱର ଶିବମନ୍ଦିର ପରିସରରେ ରବିବାର ହାଇମାଷ୍ଟ ଲାଇଟ ଲଗାଯାଇଛି। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ହାଇମାକ୍ସ ଲାଇଟ ଲଗାଇଛନ୍ତି। ନିକଟରେ ସେ ମନ୍ଦିର ପରିଦର୍ଶନ କରିବା ଅବସରରେ ସରକାରଙ୍କ ନୀତି ନିୟମ ଅନୁଯାୟୀ ପୀଠରେ ଆଲୋକୀକରଣ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ହାଇମାଷ୍ଟ ଲାଇଟ ଉଦ୍‌ଘାଟନ ଅବସରରେ ବରିଷ୍ଠ ନାଗରିକ ଦୀନବନ୍ଧୁ ଆଦ୍ଦିଆ, ଅନନ୍ତ ସାହୁ, ରାମଚନ୍ଦ୍ର ସାହୁ, ପୀତାମ୍ବର ସାହୁ, ଦୀପକ ସାହୁ, ଦେବେନ୍ଦ୍ର ପାତ୍ର, ନିରଞ୍ଜନ ସାହୁ, ଖବରଦାତା ଦେବେନ୍ଦ୍ର ଆଦ୍ଦିଆ, ଗଙ୍ଗାଧର ପାତ୍ର, ପ୍ରମୋଦ ବେହେରା, ନିମାଇଁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ସହରରୁ ସମସ୍ତ ଅଦାଲତ ସ୍ଥାନାନ୍ତରକୁ ବିରୋଧ

ବାଲେଶ୍ୱର,୧୭।୯(ମାନସ ବିଶ୍ୱାଳ)




ବୈଠକରେ ଉପସ୍ଥିତ ବାଲେଶ୍ୱର ସିଭିଲ୍ ସୋସାଇଟିର କର୍ମକର୍ତ୍ତାମାନେ।

ବାଲେଶ୍ୱର ସହରରେ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତକୁ ସ୍ଥାନାନ୍ତର କରି ରେମୁଣା ବିଜ୍ଞାପିତ ଅଞ୍ଚଳ ଅଧୀନ ୭ ନମ୍ବର ୱାର୍ଡ ସଂଲଗ୍ନ ବିଦ୍ୟାଧରପୁର ମୌଜାରେ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ରେମୁଣା ତହସିଲଦାର ଗତ ଅଗଷ୍ଟ ୨୧ରେ ସର୍ବସାଧାରଣଙ୍କ ଆପତ୍ତି ଅଭିଯୋଗ ଆହ୍ୱାନ କରିଥିଲେ। ଜିଲାର ମୁଖ୍ୟ ଦପ୍ତରରୁ ସମସ୍ତ ଅଦାଲତ ସହରଠାରୁ ପ୍ରାୟ ୧୨ କି.ମି. ଦୂରକୁ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରି ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉଠା ଜଳସେଚନ କର୍ମଚାରୀ ଭବନରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରଶାସନର ଏହା ଏକ ଅପରିଣାମଦର୍ଶୀ ନିଷ୍ପତ୍ତି ବୋଲି ସୋସାଇଟିର କର୍ମକର୍ତ୍ତାମାନେ ମତପ୍ରକାଶ କରିଥିଲେ। ସଡ଼କ ଓ ରେଳପଥରେ ସହରକୁ ଜନସାଧାରଣଙ୍କ ଯାତାୟତର ସମସ୍ତ ସୁବିଧା ଥିବାବେଳେ ସହରରୁ ଅଦାଲତଗୁଡ଼ିକ ସ୍ଥାନାନ୍ତର ପ୍ରସ୍ତାବକୁ ବିଭିନ୍ନ ସାମାଜିକ ସଂଗଠନମାନଙ୍କ ସହଯୋଗରେ ଦୃଢ଼ ବିରୋଧ କରାଯିବ। ଆସନ୍ତା ସପ୍ତାହରେ ସିଭିଲ୍ ସୋସାଇଟିର ଏହି ନିଷ୍ପତ୍ତିକୁ ଲିଖିତ ଭାବେ ବାଲେଶ୍ୱର ଜିଲାପାଳ, ଜିଲା ଦୌରାଜଜ୍, ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ପ୍ରଦାନ କରାଯିବ। ସେହିପରି ଆସନ୍ତା ମାସରେ ଏକଲକ୍ଷ ବ୍ୟକ୍ତିଙ୍କର ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ରରେ ରାଜ୍ୟ ସରକାର ଓ ବିଚାରବିଭାଗକୁ ଏହି ସ୍ଥାନାନ୍ତର ନିଷ୍ପତ୍ତିର ପୁନଃବିଚାର ପାଇଁ ଅନୁରୋଧ କରାଯିବ। ଜିଲାପାଳଙ୍କ ଦପ୍ତର ନିକଟସ୍ଥ ଅଦାଲତ ପରିସରରେ ଥିବା ସମସ୍ତ ସରକାରୀ ଅଫିସ୍‌ଗୁଡ଼ିକୁ ଓଭରବ୍ରିଜ୍ ପାର୍ଶ୍ୱରେ ଥିବା ଜିଲା ଜଜ୍‌ଙ୍କ କୋର୍ଟ ପରିସରକୁ ସ୍ଥାନାନ୍ତର କରି, ଜିଲା ଜଜ୍‌ଙ୍କ ବିଚାରାଳୟ ସମେତ ସମସ୍ତ ବିଚାରାଳୟକୁ ଗୋଟିଏ ପରିସରରେ ରଖାଯିବା ସହ ସମସ୍ତ ବିଚାରପତି ଓ ବିଚାର ବିଭାଗୀୟ କର୍ମଚାରୀଙ୍କ କ୍ୱାର୍ଟର ପ୍ରଭୃତି ଗୋଟିଏ ସ୍ଥାନରେ ରହିପାରିବ ବୋଲି ସିଭିଲ୍ ସୋସାଇଟି ପ୍ରସ୍ତାବ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ବିଚାରାଳୟଗୁଡ଼ିକ ସହରଠାରୁ ଦୂରକୁ ସ୍ଥାନାନ୍ତର ହେଲେ ଆଇନ୍‌ର ଆଶ୍ରୟ ନେଇଥିବା ପକ୍ଷ ଓ ସାକ୍ଷୀମାନେ ଠିକ୍ ସମୟରେ ବିଚାରାଳୟ ପରିସରରେ ପହଞ୍ଚି ପାରିବେ ନାହିଁ ଏବଂ ଏଥିପାଇଁ ସେମାନେ ଅଧିକ ଖର୍ଚ୍ଚାନ୍ତ ହେବେ। ଦୀର୍ଘବର୍ଷ ଧରି ସହରରେ ରହି ଆସୁଥିବା ଓକିଲ ଓ ମୋହରୀର ଏବଂ କାରାଗାରରେ ଥିବା ବିଚାରାଧୀନ ବନ୍ଦୀମାନଙ୍କ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହେବେ। ରେମୁଣା ଡାକ୍ତରଖାନା ଓ ହାଇସ୍କୁଲ୍ ପ୍ରଭୃତି ଶିକ୍ଷାନୁଷ୍ଠାନ ଅତିକ୍ରମ କରିବାବେଳେ ବଜାରର ସଂକୀର୍ଣ୍ଣ ରାସ୍ତାରେ ଗାଡ଼ିମୋଟର ଯାତାୟତ ସଂଖ୍ୟା ବୃଦ୍ଧି ପାଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିବ। ରେମୁଣା ମେଡିକାଲ୍ କଲେଜ ସଂଲଗ୍ନ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସପିଟାଲ୍ କାର୍ଯ୍ୟକ୍ଷମ ହେବାପରେ ଏହି ସମସ୍ୟା ବହୁଗୁଣରେ ବୃଦ୍ଧିପାଇବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ସୋସାଇଟିର ସମ୍ପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା, ସୀତାରାମ ପ୍ରଧାନ, ସନ୍ତୋଷ କୁମାର ସାହୁ, ସତିତ୍ କୁମାର ପତି, ବାସନ୍ତୀ ସାମଲ, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ସଂଘର୍ଷ ଭିତରେ ଗୋକୁଳ ଚନ୍ଦ୍ର ବଞ୍ଚିବା ଶିଖିଥିଲେ'




ମଧ୍ୟମା ଟପ୍ପର ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଖଇରା,୧୭।୯(ଉତ୍କଳବନ୍ଧୁ ପଣ୍ଡା)

**୨୨ତମ ପୁଣ୍ୟତିଥି**

ବାଲେଶ୍ୱର ଜିଲା ଖଇରା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାବିଂଶତମ ଶ୍ରାଦ୍ଧବାର୍ଷିକୀ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ତାଙ୍କ ହାତଗଢ଼ା ଅଲିପୁର ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭା ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପୂର୍ବତନ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ବାମପନ୍ଥୀ ନେତା ଜଗତାନନ୍ଦ ମହାପାତ୍ର,ପୂର୍ବତନ କଲେଜ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ସଂସ୍କୃତ ଅଧ୍ୟାପକ ନିରଞ୍ଜନ ପଣ୍ଡା, ସ୍ୱର୍ଗତ ଗୋକୁଳ ଚନ୍ଦ୍ରଙ୍କ ସାନଭାଇ ତଥା ଆଇନଜୀବୀ ପ୍ରତାପ କୁମାର ପଣ୍ଡା, ଆମ ଓଡ଼ିଶା ଟିଭିର ମାଲିକ ବିପ୍ଳବ କୁମାର ମହାନ୍ତି, ଗଗନ ବିହାରି ପଣ୍ଡା ପ୍ରମୁଖ ବକ୍ତା ଭାବେ ଯୋଗଦେଇ ଜନନାୟକ ସ୍ୱର୍ଗତ ପଣ୍ଡା ସଂଘର୍ଷ ଭିତରେ ଲଢେଇ କରି ବଞ୍ଚିବା ଶିଖିଥିଲେ ଯାହା ଆଜିର ଯୁବପିଢ଼ିଙ୍କ ପାଇଁ ଆଦର୍ଶ ବୋଲି ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ଭାସ୍କର ପୃଷ୍ଟି ବିବରଣୀ ପାଠ କରିଥିଲେ। ପଣ୍ଡିତ ଅନାମନନ୍ଦ ଦାଶ ଅତିଥି ପରିଚୟ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମଧ୍ୟମା, ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ବନ୍ଦନା ସେଣ୍ଠ, ଦେବଯାନୀ ମାଝି, ଚନ୍ଦନାରାଣୀ ସେଣ୍ଠ ଓ ଜ୍ୟୋତିପ୍ରଭା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ନାୟକ, ଉମାକାନ୍ତ ନାୟକ,ରବିନ୍ଦ୍ର ପତ୍ରୀ,ଆଲୋକ ପଣ୍ଡା,ଅଧ୍ୟାପିକା ଲତାଞ୍ଜଳୀ ଦାସ, ଶିକ୍ଷକ ରବିନ୍ଦ୍ର ଦାଶ, ଗଣେଶ୍ୱର ପଣ୍ଡା, ନିରଞ୍ଜନ ସାମଲ, ଉମ୍ବରୁଧର ମହାପାତ୍ର, କର୍ମଚାରୀ ଦୁଷ୍ମନ୍ତ ଲେଙ୍କା, ମଣିଭଦ୍ର ମହାନ୍ତି ଓ ନୀଳାମ୍ବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ପୌରହିତ୍ୟରେ ବ୍ଲକର ମୁହଁଚୁଆଁଠାରେ ସ୍ୱର୍ଗତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

# ସମ୍ବର୍ଦ୍ଧିତ ହେଲେ ୨୫ ଚାଷୀ



କୃଷକ ସମାବେଶରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଚାଷୀ।

ଚାନ୍ଦବାଲି, ୧୭।୯(କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲିରେ କୃଷକ ମୋର୍ଚ୍ଚା ପକ୍ଷରୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ବିଶାଳ କୃଷକ ସମାବେଶ ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ କାଳୀମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମୋଟର ସାଇକେଲ ଶୋଭାଯାତ୍ରାରେ ସଭାଗୃହ ପର୍ଯ୍ୟନ୍ତ ନିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଚାରାରୋପଣ ପରେ ସଭା ଆରମ୍ଭ ହୋଇଥିଲା। ବରିଷ୍ଠ ନେତା ମନୋଜ ଭୋଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ସାହୁଙ୍କ ସମେତ ଜିଲା ପ୍ରଭାରୀ ଶ୍ରୀଧର ସାହୁ, ପୂର୍ବତନ ଜିଲା ସଭାପତି ଶଙ୍କର୍ଷଣ ଜେନା, ରାଜ୍ୟ କୃଷକ ମୋର୍ଚ୍ଚାର ସଦସ୍ୟ ଓ ବାଲେଶ୍ୱର ଜିଲା ପ୍ରଭାରୀ ଉପେନ୍ଦ୍ର ରାଉଳ, ଜିଲା ଉପସଭାପତି କମଳାକାନ୍ତ ସୂତାର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ବେହେରା, ପୂର୍ଣ୍ଣଚନ୍ଦ୍ର ପାଣି, ମଙ୍ଗରାଜ ନାୟକ, ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ମୀନକେତନ ବିଶ୍ୱାଳ, ସ୍ୱଦେଶ ପଣ୍ଡା, ସନ୍ତୋଷ ବାରିକ, ଯୁବନେତା ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କୃଷକମାନଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି କହି ସେମାନେ ବର୍ଷିଥିଲେ। ଚାଷୀ ଆତ୍ମହତ୍ୟା ଓ ଚାନ୍ଦବାଲିର ବନ୍ୟା, ମରୁଡ଼ି ପରିସ୍ଥିତି ନେଇ ଅଭିଯୋଗ କରିଥିଲେ।

ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୫ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୈତାରି ନାୟକ, ଗୌରହରି ରାଉତ, ଲକ୍ଷ୍ମୀଧର ସେନାପତି, ରମାକାନ୍ତ ଭୋଳ, ତ୍ରିଲୋଚନ ବେହେରା, ରଜକିଶ୍ୱର ବାରିକ, ସନ୍ଦୀପ ନାୟକ, ସୁଶାନ୍ତ ମହାନ୍ତି, ସ୍ମୃତି ରଞ୍ଜନ ନାୟକ, ସମୀନା ପର୍ମିନ୍, ସୌଦାମିନୀ ବଳ, ଦିବେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଚେକ୍ ବାଉନ୍ସ ମାମଲାରେ ୪ ମାସ ଜେଲ

ଭଦ୍ରକ,୧୭।୯ (ସନାତନ ରାଉତ)

ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ଶନିବାର ଏକ ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ ପାଇଛି। ମାଜିଷ୍ଟ୍ରେଟ ଚିନ୍ମୟ କୁମାର ପାଢ଼ୀ ମାମଲାର ବିଚାର କରି ଦୋଷୀ ଟାଉନ ଥାନା ଅଧୀନ କାଜି ସାହିର ସେକ୍ ମହମ୍ମଦ ରଫିକ୍‌ଙ୍କୁ ୪ ମାସ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି।

ପ୍ରକାଶ ଯେ, ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ନରିପୁର(ଅସ୍ଥଳ) ଗ୍ରାମର ଦେବାଶିଷ ମହାପାତ୍ରଙ୍କଠାରୁ ସେକ୍ ମହମ୍ମଦ ରଫିକ୍ ନିଜ ବ୍ୟବସାୟ ପାଇଁ ବିଭିନ୍ନ ସମୟରେ ୩ ଲକ୍ଷ ଟଙ୍କା ଧାର ନେଇଥିଲେ। ପରେ ଧାର ଟଙ୍କା ପରିଶୋଧ ଲାଗି ବ୍ୟାଙ୍କ ଅଫ୍ ଇଣ୍ଡିଆ ଭଦ୍ରକ ଶାଖାର ୩ ଲକ୍ଷ ଟଙ୍କାର ଏକ ଚେକ୍ ସେ ଦେବାଶିଷଙ୍କୁ ଦେଇଥିଲେ। ଚେକ୍ ଦେବା ପରେ ରଫିକ ଜାଣିଶୁଣି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରି ଦେଇଥିଲେ। ଦେବାଶିଷ ନିଜ ବ୍ୟାଙ୍କ ଆକାଉଣ୍ଟରେ ଚେକ୍ ଜମା କରିବା ପରେ ଆକାଉଣ୍ଟ ବନ୍ଦ ଥିବାରୁ ଟଙ୍କା ଉଠାଣ ନ ହୋଇ ଚେକ୍ ଫେରି ଆସିଥିଲା। ରଫିକ ତାଙ୍କୁ ଠକିଥିବା ଜାଣିବା ପରେ ସେ ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ଆଇସିସି ନଂ-୧୨୩/୨୧ ଆଗତ କରିଥିଲେ। ଉଭୟ ପକ୍ଷର ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ କୋର୍ଟ ମହମ୍ମଦ ରଫିକ୍‌ଙ୍କୁ ୪ ମାସ ଜେଲ ଦଣ୍ଡ ସହ ଦେବାଶିଷଙ୍କୁ ୩ ଲକ୍ଷ ୬୦ ହଜାର ଟଙ୍କା ଦେବା ପାଇଁ ରାୟ ପ୍ରକାଶ କରିଛନ୍ତି। ଦେବାଶିଷଙ୍କ ପକ୍ଷରୁ ଆଇନଜୀବୀ ଯତିକାନ୍ତ ନାୟକ, ଜ୍ୟୋତିରଞ୍ଜନ ବେହୁରୁ ଓ ଗଣେଷ ରାମ ମାମଲା ପରିଚାଳନା କରିଥିଲେ।

# ସଂଗ୍ରାମୀ ମହମ୍ମଦ ହନିଫ୍ ସ୍ମୃତି କମିଟି ପୁନର୍ଗଠିତ



ବୈଠକରେ ମହମ୍ମଦ ହନିଫ୍ ସ୍ମୃତି କମିଟିର କର୍ମକର୍ତ୍ତା।

ଭଦ୍ରକ,୧୭।୯(ସନାତନ ରାଉତ/ରବିନାରାୟଣ ଖିଲାର)

ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟସଭା ସଦସ୍ୟ ସ୍ୱର୍ଗତ ମହମ୍ମଦ ହନିଫ୍ ସ୍ମୃତି କମିଟିର ସଭାପତି ପରମାନନ୍ଦ ଦାସଙ୍କ ଦେହାନ୍ତ ପରେ ରବିବାର ଫେଲୋଶିପ୍ ସଭାଗୃହରେ କମିଟି ପୁନର୍ଗଠନ କରାଯାଇଛି। ସାମାଜିକ କର୍ମୀ ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ଏସ୍. ଏମ୍. ଫାରୁକ ପ୍ରାରମ୍ଭିକ ସୂଚନା ଦେବା ପରେ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ଅଜୟ ନାୟକ, ଉପସଭାପତି ଡା. ରବୀନ୍ଦ୍ର ନାୟକ ଓ ମୁସ୍ତାକ ଗହ୍ୱର, ସମ୍ପାଦକ ଅନୱାର ହୋସେନ, ସହସମ୍ପାଦକ ସବର ଅଲୀ ଓ ମୀର୍ଜା ଇଜାଜ୍ ବେଗ୍ ଏବଂ କୋଷାଧ୍ୟକ୍ଷ ଭାବେ ସେକ୍ କାସିମ୍ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଏସ୍.ଏମ୍. ଫାରୁକ୍, ଲଲାଟେନ୍ଦୁ ମହାନ୍ତି, ପ୍ରଫେସର ନାସିର ବକ୍ସ, ସୁଧାକର ରାଉତ, ଅଶୋକ ଦାସ, ହରିପ୍ରସାଦ ନନ୍ଦୀ ଓ ବସୁମିତ୍ରା ସାହୁଙ୍କୁ ମନୋନୀତ କରାଯାଇଥିଲା। ଅକ୍ଟୋବର ୬ରେ ସ୍ୱର୍ଗତ ହନିଫ୍‌ଙ୍କ ଶ୍ରାଦ୍ଧୋତ୍ସବ ପାଳନ ନେଇ ଆଲୋଚନା କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ସ୍ଥିର କରାଯାଇଛି। ସେକ୍ ଜହିରୁଦ୍ଦିନ, ସେକ୍ ମୁସ୍ତାକିନ୍, ସେକ୍ ସମ୍‌ସୁଦ୍ଦିନ, ସେକ୍ ଜୁଲଫୁକାର, ସେକ୍ ସୁଲ୍ତାନୀ, କେତାବ ଅଲୀ, ଡା. ରବିନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

ପାଟଣା,୧୭।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ପଞ୍ଚାୟତ ନୂଆଗାଁ ଗ୍ରାମରେ ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଉକ୍ତ ଗାଁର ସୁଶୀଲ ଚନ୍ଦ୍ର ନାଏକ(୫୨)। ଶନିବାର ବିଳମ୍ବିତ ରାତ୍ରିରେ ତାଙ୍କୁ ବିଷଧର ସାପ କାମୁଡ଼ିଥିଲା। ରବିବାର ସକାଳୁ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଳମ୍ବରେ ଆଣିବାରୁ ମୃତ୍ୟୁ ଘଟିଥିବା ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କୁଡୁମୀଙ୍କ ସମ୍ପର୍କରେ ସର୍ଭେକୁ ବିରୋଧ

ବୈଶିଙ୍ଗା,୧୭।୯(ରତନ ଦାଶ)

କୁଡୁମୀମାନଙ୍କ ସମ୍ପର୍କରେ ସବିଶେଷ ସର୍ଭେ କରାଯିବା ପାଇଁ ତହସିଲଦାରମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ଏ ନେଇ ବେତନଟୀ ବ୍ଲକ୍ ସହ ସମଗ୍ର ମୟୂରଭଞ୍ଜ ଜିଲାରେ ଏହି ସମ୍ପ୍ରଦାୟ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି ନିଜର ଅସନ୍ତୋଷ ଜାହିର କରୁଛନ୍ତି। ଶନିବାର କୁଡୁମୀ ସେନାର ପ୍ରଦେଶ ଅଧ୍ୟକ୍ଷ ଜୈମୁନୀ କୁମାର ମହାନ୍ତ ଏକ ପ୍ରେସ୍ ବିବୃତିରେ ସରକାରଙ୍କ ପକ୍ଷରୁ ଏଭଳି ସର୍ଭେ କରାଯିବା ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି, ୨୦୦୪ରେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଯଶିପୁର ନିକଟସ୍ଥ ରାମତୀର୍ଥଠାରେ ଏକ ବିରାଟ କୁଡୁମୀ ସମାବେଶରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପରେ ଏହି ସମ୍ପ୍ରଦାୟକୁ ଆଦିବାସୀ ତାଲିକାଭୁକ୍ତ ନିମନ୍ତେ କେନ୍ଦ୍ରକୁ ସୁପାରିଶ କରିବା ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରେ ଏହାକୁ ଭୁଲିଗଲେ। ପୁଣି ୨୦୧୯ରେ ନିର୍ବାଚନ ପୂର୍ବରୁ ଏକ କୁଡୁମୀ ଡେଭଲପମେଣ୍ଟ କାଉନ୍‌ସିଲ ଗଠନ କରାଯିବା ନେଇ ଘୋଷଣା କରିଥିଲେ। ଏ ନେଇ ସେ ନିଜେ ଦସ୍ତଖତ କରି ଏକ ଘୋଷଣାପତ୍ର କୁଡୁମୀ ସେନାକୁ ପ୍ରଦାନ କରିଥିଲେ। ଏବେ ପୁଣି ନିର୍ବାଚନର ଅବ୍ୟବହିତ ପୂର୍ବରୁ ସବିଶେଷ ସର୍ଭେ କରାଯିବା ପାଇଁ ନିର୍ଦ୍ଦେଶ ପଛରେ କୁଡୁମୀ ଜାତିକୁ ଭୁଆଁ ବୁଲେଇବା ପାଇଁ ଚେଷ୍ଟା କରାଯାଉଛି। ନିକଟରେ ୧୦ ଜାତିଙ୍କୁ ଆଦିବାସୀ ମାନ୍ୟତା ଦେବାପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ସୁପାରିସ କରିଥିଲେ। ତେବେ ସେତେବେଳେ ଏଭଳି କୌଣସି ସର୍ଭେ କରାଯାଇ ନ ଥିଲା। ତେଣୁ ତୁରନ୍ତ ରାଜ୍ୟ ସରକାର କେନ୍ଦ୍ରକୁ ସୁପାରିସ ପତ୍ର ପଠାଇ ଏହି ଜାତି ପ୍ରତି ଥିବା ଆନ୍ତରିକତା ପ୍ରକାଶ କରିବାକୁ ରାଜ୍ୟ ଅଧ୍ୟକ୍ଷ ଜୈମୁନୀ ଦାବି କରିଛନ୍ତି।

# ବିଶ୍ୱକର୍ମା ଯୋଜନାରେ ପଞ୍ଜୀକରଣ କଲେ ୪୦୦

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/(ଦୀପକ ମିଶ୍ର),୧୭।୯




ଉତ୍ସବରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୩ ବର୍ଷ ବୟସରେ ପାଦ ଦେଇଛନ୍ତି। ଏ ଅବସରରେ ରବିବାର କେନ୍ଦ୍ର ସରକାର ପକ୍ଷରୁ 'ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା' ସାରା ଦେଶରେ ଲାଗୁ ହୋଇଛି। ଏ ନେଇ କେନ୍ଦୁଝର ଜିଲା ଭାଜପା ପକ୍ଷରୁ ଜିଲା କାର୍ଯ୍ୟାଳୟରେ ଜିଲା ଓବିସି ମୋର୍ଚ୍ଚା ସଂଯୋଜନାରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ମୋଦୀଙ୍କ ଜନ୍ମଦିନରେ ଜିଲା ଭାଜପା ଉତ୍ସବ ପାଳନ କରିଛି। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅଧ୍ୟକ୍ଷତା ଓ ଓବିସି ମୋର୍ଚ୍ଚା ଜିଲା ସଭାପତି ଲକ୍ଷ୍ମଣ ରାଉତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ବିଶ୍ୱକର୍ମା ଯୋଜନାର ୧୮ ଟି ସମୁଦାୟର ବିଭିନ୍ନ ସମାଜରେ ବିଶ୍ୱକର୍ମାମାନଙ୍କ ମଧ୍ୟରୁ ୪୦୦ ରୁ ଅଧିକ ହିତାଧିକାରୀ ଜିଲା କାର୍ଯ୍ୟାଳୟରେ ପହଞ୍ଚି ବିଶ୍ୱକର୍ମା ଯୋଜନାର ଲାଭ ଉଠାଇବାକୁ ପଞ୍ଜୀକରଣ କରିଛନ୍ତି। ମୁଖ୍ୟ ଅତିଥିଭାବେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ସ୍ୱାଇଁ, ସମ୍ମାନିତ ଅତିଥିଭାବେ କେନ୍ଦୁଝର ପୌରାଧ୍ୟକ୍ଷା ନିକୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାୟକ, କେନ୍ଦୁଝର ଲୋକସଭା ସଂଯୋଜକ ଶୁକଦେବ ମହାନ୍ତ, ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ସାବିତ୍ରୀ ବିଶାଳ ମଞ୍ଚାସୀନ ହୋଇଥିଲେ। ଭାଜପା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଜିଲାର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ପଦାଧିକାରୀ ସାମିଲ ହୋଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ୭୪ କିଲୋର ଲଡୁ ବଣ୍ଟନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୩ ତମ ବୟସ ଅବସରରେ ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଶେଷ କରି ଜିଲା ଭାଜପା ପକ୍ଷରୁ ଏକ ସୁନ୍ଦର ପଟୁଆରରେ ୭୪ କିଲୋଗ୍ରାମ ବିଶିଷ୍ଟ ଏକ ବିଶାଳ ମିଠା ଲଡୁ ପ୍ରସ୍ତୁତ କରାଯାଇ ସମସ୍ତଙ୍କୁ ବଣ୍ଟା ଯାଇଥିଲା।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ସୋର,(ଜନ୍ମେଜୟ ମିଶ୍ର) : ସୋର ପୌର ପାଳିକା ଅନ୍ତର୍ଗତ ତେଲିଆଗଞ୍ଜ ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଉପେନ୍ଦ୍ର ପାଲଙ୍କ ସ୍ତ୍ରୀ ଶାନ୍ତିଲତା (୫୫)। ରୋଷେଇ ପାଇଁ ଘର ପଛ ପଟକୁ କାଠ ଆଣିବାକୁ ଯାଇଥିଲା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନା ଆଣିବା ରାସ୍ତାରେ ବାଟରେ ମୃତ୍ୟୁ ହୋଇଯାଇଥିଲା। ଏନେଇ ସୋର ଥାନାରେ ଏକ ମାମଲା(ନଂ.୬୩/୨୩) ରୁଜୁ ହୋଇଛି।

# କାଗଜରେ ୫ ଫୁଟ୍‌ର ଗଣେଶ ମୂର୍ତ୍ତି

■ସ୍ୱଳ୍ପ ଖର୍ଚ୍ଚରେ ପରିବେଶ ଉପଯୋଗୀ
■ସୁପ୍ରିୟାଙ୍କ ନିଆରା ପ୍ରୟାସ


ମୂର୍ତ୍ତି ନିକଟରେ ସୁପ୍ରିୟା।

ରାଇରଙ୍ଗପୁର,୧୭।୯ (ମନୋରଞ୍ଜନ ତିରିଆ)

ଆଉ ଦିନକ ପରେ ଅର୍ଥାତ ମଙ୍ଗଳବାର ଶ୍ରୀଗଣେଶ ଚତୁର୍ଥୀ। ବିଭିନ୍ନ କ୍ଲବ୍, ସାହି ପକ୍ଷରୁ ଗଣେଶଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଚାଲିଛି। ସାଧାରଣତଃ ବିଭିନ୍ନ ଶିକ୍ଷାନୁଷ୍ଠାନ ବିଦ୍ୟାଳୟ, ମହାବିଦ୍ୟାଳୟରେ ପୂଜା ପାଉଥିବା ଗଣେଶଙ୍କ ମୂର୍ତ୍ତି ମାଟି, ନଡ଼ାରେ ନିର୍ମିତ ହୋଇଥାଏ। ଏହାକୁ ପୂଜା ପରେ ନିକଟସ୍ଥ ପୋଖରୀ, ନଦୀନାଳ ଆଦିରେ ବିସର୍ଜନ କରାଯାଇଥାଏ। ଏଥିରେ ବିଭିନ୍ନ ପ୍ରକାର ରାସାୟନିକ ପ୍ରଲେପ ଦିଆଯାଇଥିବାରୁ ଜଳ ପ୍ରଦୂଷଣ ହୋଇଥାଏ। ରାଇରଙ୍ଗପୁର ସହରର ଜଣେ କଲେଜ ଛାତ୍ରୀ ସୁପ୍ରିୟା ବାରିକ ପ୍ରଦୂଷଣ ରୋକିବା ପାଇଁ ନିଆରା ପ୍ରୟାସ କରିଛନ୍ତି। ସେ କାଗଜରେ ୫ ଫୁଟ୍‌ର ଶ୍ରୀଗଣେଶଙ୍କ ମୂର୍ତ୍ତି ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁରସ୍ଥିତ ବାସଭବନଠାରୁ ମାତ୍ର ୫୦୦ ମିଟରେ ଦୂର ବାଇଦାପୋଷି କଲୋନୀସାହିର ସଞ୍ଜୀବ କୁମାର ବାରିକଙ୍କ ବଡ଼ଝିଅ ସୁପ୍ରିୟା। ଚଳିତ ବର୍ଷ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରୁ +୩ କଳାରେ ସ୍ନାତକ ପାସ୍ କରିଛନ୍ତି। ଗଣେଶ ପୂଜାକୁ ଲକ୍ଷ୍ୟ ରଖି ପ୍ରାୟ ଏକ ମାସ ହେବ କାଗଜରେ ୫ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତି ତିଆରି କରିଛନ୍ତି। ମୂର୍ତ୍ତି ନିର୍ମାଣ କାମରେ ଅବସର ସମୟରେ ତାଙ୍କର ସାନଭଉଣୀ ସ୍ନେହା ବାରିକ, ପଡ଼ୋଶୀ ଗୁନ୍‌ଗୁନ୍ ପାତ୍ର, ସତ୍ୟବାନ ପାତ୍ର, ଜୟକ୍ରିଷ୍ଣା ମହାନ୍ତ, ଅଭିଷେକ ମହାନ୍ତ ପ୍ରମୁଖ ସହଯୋଗ କରିଥିବା କହିଛନ୍ତି। ମଇଦା, ପୁଟି, ରଙ୍ଗ, ସାମାନ୍ୟ ଟିକିଏ କପଡ଼ାକୁ ଛାଡ଼ିଦେଲେ ପ୍ରତିମୂର୍ତ୍ତିର ୯୫ ପ୍ରତିଶତ ଅଂଶରେ କେବଳ କାଗଜ ବ୍ୟବହାର କରାଯାଇଛି। ମାଟି କିମ୍ବା ନଡ଼ା ଏଥିରେ ବ୍ୟବହାର କରାଯାଇନାହିଁ। ଆଗରୁ ତାଙ୍କ ଘରେ ପୁରୁଣା ଖାତା ବହିକୁ କବାଡ଼ିଆବାଲାଙ୍କୁ ଶସ୍ତାରେ ବିକ୍ରି କରି ଦିଆଯାଉଥିଲା। ମୂର୍ତ୍ତି ନିର୍ମାଣ ସମ୍ପର୍କରେ ସୁପ୍ରିୟା କୁହନ୍ତି, ପ୍ରଥମେ ସେ କାଗଜରେ ଗଣେଶଙ୍କ ସହିତ ଅର୍ଦ୍ଧନାରୀଶ୍ୱର ଶିବଙ୍କ ଚିତ୍ର ଅଙ୍କନ କରିଥିଲେ। ପରେ କାଗଜକୁ ମୋଡ଼ି ମଇଦା ସାହାଯ୍ୟରେ ଅଠା ଦେଇ ଗଣେଶ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଥିଲେ। ମୂର୍ତ୍ତିଟିକୁ ଗଣେଶ ଚତୁର୍ଥୀ ଦିନ ତାଙ୍କ ସାହିର ପିଲାମାନଙ୍କ ଦ୍ୱାରା ପୂଜା କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। ଗଣେଶଙ୍କ ପଛପଟେ ଶିବ ପାର୍ବତୀଙ୍କ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଶୋଭାପାଇବ। ଶିବଙ୍କର ବାଘଛାଲ, ମୁକୁଟ, ଅଳଙ୍କାର, ସାପ, ରୁଦ୍ରାକ୍ଷ ଆଦି ନିର୍ମାଣରେ ମଧ କାଗଜକୁ ବ୍ୟବହାର କରାଯାଇଛି। କେବଳ ସିଂହ ନିର୍ମାଣରେ ସାମାନ୍ୟ ନଡ଼ିଆ କତା ବ୍ୟବହାର କରାଯାଇଛି। ମୂର୍ତ୍ତି ନିର୍ମାଣରେ ମାତ୍ର ୧୫ ଶହ ଟଙ୍କା ଖର୍ଚ୍ଚ ହୋଇଛି। କାଗଜରେ ଖୁବ୍ କମ୍ ଖର୍ଚ୍ଚରେ ମୂର୍ତ୍ତି ନିର୍ମାଣ ହୋଇପାରିବ। ଏହାଦ୍ୱାରା ମୂର୍ତ୍ତି ବିସର୍ଜନଜନିତ ଜଳ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ରୋକିହେବ ବୋଲି ସୁପ୍ରିୟା କହିଛନ୍ତି।

## ଗଜାନନଙ୍କୁ ଶେଷ ସ୍ପର୍ଶ

ଢେଙ୍କାନାଳ,୧୭।୯(ନୀଳମଣି ମଣ୍ଡଳ): ଆଉ ଦିନକ ପରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା। ସ୍ଥାନୀୟ ଅଞ୍ଚଳରେ ପାଳନ ହେବାକୁ ଥିବା ପ୍ରତ୍ୟକ ମେଢ଼ରେ ଶିଳ୍ପୀମାନଙ୍କ ତତ୍ପରତା ଦେଖାଦେଇଛି। ଢେଙ୍କିକୋଟ ମଣ୍ଡଳସାହି ଦୀଲଦାର କ୍ଲବ୍ ମେଢ଼ରେ ଶିଳ୍ପୀମାନେ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ପ୍ରତିମାରେ ଶେଷ ସ୍ପର୍ଶ ଦେବାରେ ଲାଗି ପଡ଼ିଛନ୍ତି। ଚଳିତ ବର୍ଷ ଏଠାରେ ୨୦ ଫୁଟ୍ ଉଚ୍ଚର ବିଶାଳକାୟ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବା ନେଇ କ୍ଲବ ସଦସ୍ୟ କହିଛନ୍ତି।



## ପୁରପଲ୍ଲୀରେ ଦେବଶିଳ୍ପୀଙ୍କ ଆରାଧନା



କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ଢେଙ୍କିକୋଟ(ନୀଳମଣି ମଣ୍ଡଳ)/ପାଟଣା (ବୀର କିଶୋର ଦାଶ),୧୭।୯

କେନ୍ଦୁଝର ଜିଲ୍ଲାର ବିଭିନ୍ନ ସହର, ଗାଁ, ବିଭିନ୍ନ ପ୍ରତିଷ୍ଠାନ ଓ ଶିଳ୍ପାନୁଷ୍ଠାନଗୁଡ଼ିକରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଆରାଧନା କରାଯାଉଛି। କର୍ମଚାରୀଠାରୁ ଆରମ୍ଭ କରି ଗାଡ଼ି ଚାଳକ, ହେଲପର, ଶ୍ରମିକ, କର୍ମଚାରୀ ତଥା ସାଧାରଣ ଲୋକେ ସମସ୍ତେ ନୂଆ ପୋଷାକ ପିନ୍ଧି ଗାଡ଼ି ଓ ମେସିନ ପୂଜା କରିଛନ୍ତି। ଅନୁକୂଳ ପାଗ ଯୋଗୁ ସନ୍ଧ୍ୟାରେ ମଣ୍ଡପ ବୁଲି ଠାକୁର ଦର୍ଶନ କରିବାକୁ ଲୋକଙ୍କ ଭିଡ଼ ଜମିଛି। ଢେଙ୍କିକୋଟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଛି। ଦଳେଇ ସାହିସ୍ଥିତ ହାଇସ୍କୁଲ ପୋଖରୀରୁ ଘଟ କଳସ କର୍ତ୍ତା ତଥା ସଂକଳ୍ପଧାରୀ ବିଭାଗୀୟ ଜେଇ ଦେବାଶିଷ ସ୍ୱାଇଁ ଆଣିଥିଲେ। ପୂଜକ ଗୌରୀଶଙ୍କର ପଣ୍ଡାଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ହୋଇଥିଲା। ଏ ନେଇ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଥିବା ବେଳେ ୧୯ ସେପ୍ଟେମ୍ବର ମଙ୍ଗଳବାର ଦିନ ଓଡ଼ିଶାର ସୁନାମଧନ୍ୟ ଭଜନ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତିଙ୍କ ଯୋଗଦେଇ ଭଜନ ଗାନ କରିବେ। ସେହିପରି ପାଟଣା ବ୍ଲକ୍ ମୁଖ୍ୟାଳୟରେ ରବିବାର ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ, ବିଶ୍ୱକର୍ମା ଫିଲିଂ ଷ୍ଟେସନ, ସାଇ ଜ୍ୟୋତି ଏଜେନ୍ସି, ଶିବ କୃପା ଫିଲିଂ ଷ୍ଟେଶନ, ସାଇ ଆଗ୍ର ଇକ୍ୟୁମେଣ୍ଟ, ଗୁଲୁଦୀପଶିସ୍ଥିତ ବୈତରଣୀ ରାଇସ ମିଲସ, ତୁରୁମୁଙ୍ଗା ଉପଖଣ୍ଡ ବିଦ୍ୟୁତ କାର୍ଯ୍ୟାଳୟ ଓ ନେଉଳ ପଶି ଆଇଟିଆଇ କେନ୍ଦ୍ରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଛନ୍ତି।

### ସଂକ୍ଷେପରେ

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକରେ ଶୋକ

ପାଟଣା,୧୭।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ଗୋଜାପଥର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ରଘୁନାଥ ମହାନ୍ତଙ୍କ ଏକାଦଶାହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭେଟେରାନ ୱେଲ ଫାୟାର ଆସସିଏସନ ପାଟଣା ସାହାରପଡ଼ା ତରଫରୁ ଯବାନଙ୍କ ଉଦ୍ଦେଶ୍ୟରେ ଶୋକସଭା ଆୟୋଜିତ ହୋଇଥିଲା। ଆସୋସିଏସନ ସଭାପତି କ୍ୟାପଟେନ ଉପେନ୍ଦ୍ର କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥିଭାବେ ସଂଘ ସମ୍ପାଦକ ସୁବେଦାର ନାରାୟଣ ବାରିକ, ସହ ସମ୍ପାଦକ ଜେଡବ୍ଲୁଓ ଭଗବାନ ମହାନ୍ତ, ଏଏସ୍ଏମ୍ ଚତୁର୍ଭୁଜ ମହାନ୍ତ, ସୁବେଦାର ପରମେଶ୍ୱର ମହାନ୍ତ, ସୁବେଦାର ଭରତ ଚନ୍ଦ୍ର ମହାନ୍ତ, ହାବିଲଦାର ଅର୍ଜୁନ ମହାନ୍ତ, ପୁରେନ୍ଦର ମହାନ୍ତ, ବିପିନ ବିହାରୀ ମହାନ୍ତ, ବିଶ୍ୱମିତ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଯବାନଙ୍କ ସ୍ମୃତିଚାରଣ କରିଥିଲେ। ସଂଘ ତରଫରୁ ସ୍ୱର୍ଗତ ଆତ୍ମାର ଶାନ୍ତି ବିଧାନ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ସଂଘ ତରଫରୁ ପରିବାରକୁ ଆର୍ଥିକ ସହାୟତ ପ୍ରଦାନ କରାଯାଇଥିଲା।

## ଶୁଭେନ୍ଦୁ ହେଲେ ଜିଲ୍ଲା କଂଗ୍ରେସ ମୁଖପାତ୍ର



ଭଦ୍ରକ,୧୭।୯ (ସନାତନ ରାଉତ)- ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ମୁଖପାତ୍ରଙ୍କ ନାମ ଘୋଷଣା କରାଯାଇଛି। ଭଦ୍ରକ ଜିଲ୍ଲା କଂଗ୍ରେସର ମୁଖପାତ୍ର ଭାବେ ଶୁଭେନ୍ଦୁ ରାୟ ମହାପାତ୍ରଙ୍କୁ ପିସିସି ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଶୁଭେନ୍ଦୁ ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇଥିଲେ। ୧୯୯୮ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ସାଧାରଣ ସମ୍ପାଦକ ଥିଲେ। ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ଭଦ୍ରକ ଟାଉନ କଂଗ୍ରେସ ସଭାପତି, ୨୦୧୫ରୁ ୨୦୧୭ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଏବଂ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଦାୟିତ୍ୱରେ ଥିଲେ। ସାଧାରଣ ଲୋକଙ୍କ ସମସ୍ୟା ଲୋକଲୋଚନକୁ ଆଣିବା ସହ ଜିଲ୍ଲାର ସାମୂହିକ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

# ପଞ୍ଜୀକରଣ କଲେ ୪୬୫

**ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ ଓ ଲାଭାର୍ଥୀ ସମାବେଶ**


ସମାବେଶରେ ଉପସ୍ଥିତ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ।

ବାଲେଶ୍ୱର,୧୭।୯ (ମାନସ ବିଶ୍ୱାଳ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର 'ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା' ଶୁଭାରମ୍ଭ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମଗ୍ର ଦେଶର ବିଭିନ୍ନ ସହରରେ ଆଭାସୀ ମାଧ୍ୟମରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏକ ସୁରମ୍ୟ କାର୍ଯ୍ୟକ୍ରମ ସହିତ ଯୋଜନାର ଲାଭାର୍ଥୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବୃତ୍ତିରେ ଯୁକ୍ତ ଥିବା ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ମୋଟ୍ ୪୬୫ ଜଣ ପଞ୍ଜୀକରଣ କରିଛନ୍ତି। ଏମ୍‌ପି ଷଡ଼ଙ୍ଗୀ ଏହି ଜନହିତକାରୀ ଯୋଜନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଭାଜପା ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ପ୍ରଦୀପ ପଣ୍ଡା, ଇଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ସମ୍ପାଦକ ଆଶିଷ ଘୋଷ, ବିଜୟ ସାହୁ, ଉପ-ସଭାପତି କମଲଲୋଚନ ଦାସ, ମମତା ମହାପାତ୍ର, ସୋର ବିଧାୟକ ପାର୍ଥୀ ରାକେଶ ମଲ୍ଲିକ, ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ସହ-ସଂଯୋଜକ ରଞ୍ଜିତ ପୁଷ୍ଟି, ଅରୂପ ଜେନା, ସଞ୍ଜିବ ସାହୁ, ତାପସ ମହାନ୍ତି, ମନୀଷା ବେହେରା, ନାରାୟଣ ମହନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବାଞ୍ଛାନିଧି ଚକଲା ପ୍ରତିଷ୍ଠା ଉତ୍ସବ

ବାସୁଦେବପୁର, ୧୭।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲ୍ଲା ବାସୁଦେବପୁର ସହରସ୍ଥିତ ହାଇସ୍କୁଲ ଛକଠାରେ ଥିବା କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସ୍ୱାଧୀନ ରାଷ୍ଟ୍ର ବାଞ୍ଛାନିଧି ଚକଲାର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶହୀଦ ତୀର୍ଥଯାତ୍ରୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତୀର୍ଥଯାତ୍ରୀ ସଭାପତି ତ୍ରୈଲୋଚନ ଜେନା, ସାମାଜିକ କର୍ମୀ କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, ଅବସରପ୍ରାପ୍ତ ସେନା କର୍ମଚାରୀ କୈଳାସ ଚନ୍ଦ୍ର ନାଥ, ରୋଟାରିଆନ ସୁଶେଷ ରଞ୍ଜନ ବାରିକ, କାହ୍ନୁଚରଣ ବେହେରାଙ୍କ ସମେତ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ଭାରତଛାଡ଼ ଆନ୍ଦୋଳନ ସମୟରେ ବାସୁଦେବପୁରର ଇରମ ଓ ନଦୀଘେରଦ ଅଞ୍ଚଳ ସ୍ୱାଧୀନତା ସଂଗ୍ରାମୀଙ୍କ କର୍ମଭୂମି ଥିଲା। ସେହି ସମୟରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥିବା କବି ବାଞ୍ଛାନିଧି ମହାନ୍ତିଙ୍କର ୧୯୩୮ରେ ମୃତ୍ୟୁ ହୋଇଥିଲା। ତତ୍କାଳୀନ ସମୟରେ କବିଙ୍କ ନାମରେ ୧୯୪୨ରେ ସେପ୍ଟେମ୍ବର ୧୭ରେ ନଦୀଘେରଦ ଅଞ୍ଚଳର ୬ ପଞ୍ଚାୟତ ୨୭ ଖଣ୍ଡ ଗାଁର ୧୯ ବର୍ଗ ମାଇଲ ଅଞ୍ଚଳକୁ ନେଇ ସ୍ୱାଧୀନ ରାଷ୍ଟ୍ର ବାଞ୍ଛାନିଧି ଚକଲା ଘୋଷଣା କରାଯାଇଥିଲା। ରାଷ୍ଟ୍ରପତି ଭାବେ ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ପ୍ରଧାନମନ୍ତ୍ରୀ ଭାବେ କମଳା ପ୍ରସାଦ କର, ଏତଦ୍‌ଭିନ୍ନ ସୈନ୍ୟ, ଗୁପ୍ତଚର, ରସଦ ବିଭାଗ ସୃଷ୍ଟି କରାଯାଇ ସଭ୍ୟ ଭାବେ ସଂଗ୍ରାମୀ ପ୍ରଭାକର ତ୍ରିପାଠୀ, ଅନିରୁଦ୍ଧ ମହାନ୍ତି ଏବଂ ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। ଏହି ସ୍ୱାଧୀନ ରାଷ୍ଟ୍ର ବାଞ୍ଛାନିଧି ଚକଲା ଗଠନ ସେତେବେଳେ ଇଂରେଜ ସରକାରର ନିଦ ହଜାଇ ଦେଇଥିଲା।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

ବାରିପଦା,୧୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଛି। ଅନୁକୂଳ ପାଗ ପାଇଁ ପୂଜାସ୍ଥଳ ଗୁଡ଼ିକରେ ଗହଳି ଜମିଥିଲା। ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ଯନ୍ତ୍ରଚାଳିତ ମେଶିନ ଗୁଡ଼ିକ ପୂଜା କରାଯାଇଛି। ଛୋଟ ବଡ଼ ସଂଗଠନ ମାଧ୍ୟମରେ ତୋରଣ ନିର୍ମାଣ କରି ବିଶ୍ୱକର୍ମାଙ୍କୁ ପୂଜା କରାଯାଇଛି। ଆଲୋକମାଳାରେ ସଜ୍ଜିତ ତୋରଣଗୁଡ଼ିକ ଦେଖିବା ପାଇଁ ସନ୍ଧ୍ୟାରେ ଜନଗହଳି ପରିଲକ୍ଷିତ ହୋଇଥିଲା। ସହରର ବସ୍‌ଷ୍ଟାଣ୍ଡର ବସମାଲିକ ସଂଘ, ଚାଳକ ସଂଘ, ଅଟୋ ଆସୋସିଏସନ ସଂଘ, ଠିକାଦାର ସଂଘ ସହିତ ବିଦ୍ୟୁତ ବିଭାଗ ଓ ଛୋଟବଡ଼ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ପୂଜା ଯଥାବିଧି ଅନୁଯାୟୀ ସମ୍ପନ୍ନ ହୋଇଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ବାରିପଦା ଟାଉନ ଓ ଭଞ୍ଜପୁର ପୋଲିସ ମୃତୟନ ହୋଇଛନ୍ତି।

## ପୂଜାରେ ନିରାପତ୍ତା ସଚେତନତା

ବୈଶିଙ୍ଗା,୧୭।୯(ରତନ ଦାଶ)



ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ପରିସରରେ ରବିବାର ବିଶ୍ୱକର୍ମା ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବିଦ୍ୟୁତ୍ ସେକ୍ସନ ପରିଚାଳକ ପ୍ରଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବର୍ଷା, ପବନ ଓ ଘଡ଼ଘଡ଼ି ସମୟରେ ବିଦ୍ୟୁତ୍ ଖୁଣ୍ଟ କିମ୍ବା ଟ୍ରାନ୍ସଫର୍ମରଠାରୁ ନିରାପଦ ଦୂରତା ବଜାୟ ରଖିବା ଏବଂ ବିଦ୍ୟୁତ୍ ଶକ୍ତିର ଅପଚୟ ନ କରିବା ପାଇଁ ସଚେତନତା କରାଯାଇଥିଲା।

# ଚାରାରୋପଣ ଅଭିଯାନରେ ସାମିଲ ହେଲା କୃଷକ ମୋର୍ଚ୍ଚା

ଭୋଗରାଇ,୧୭।୯(ପ୍ରଦୀପ ଦାସ)

ଆଧୁନିକ ଯୁଗର ମଣିଷ ବିଭିନ୍ନ କାର୍ଯ୍ୟ ନିମନ୍ତେ ପ୍ରାଣୀଜଗତକୁ ସୁରକ୍ଷା ଦେଉଥିବା ବୃକ୍ଷଲତା କାଟି ପ୍ରାକୃତିକ ପରିବେଶକୁ ଧ୍ୱଂସ କରି ବିପଦକୁ ଅବୋରି ନେଉଛି। ଏହାକୁ ଲକ୍ଷ୍ୟ ରଖି ଭାଜପା କୃଷକ ମୋର୍ଚ୍ଚା ଭୋଗରାଇ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୪ ତମ ଜନ୍ମ ତିଥିରେ ଚାରାରୋପଣ ଅଭିଯାନ ରବିବାର ଶୁଭାରମ୍ଭ ହୋଇଛି। କୃଷକ ମୋର୍ଚ୍ଚା ଓ ସଂଘୀୟ ପରିବାର ପକ୍ଷରୁ ମା' ବାସୁଳୀ ଶକ୍ତିପୀଠରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା ସହ ମନ୍ଦିର ପଛପଟେ ଚାରାରୋପଣ କରାଯାଇଥିଲା। କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତିପଦ ପାଣ୍ଡେ, ଜିଲ୍ଲା କୃଷକ ମୋର୍ଚ୍ଚାର ଉପ-ସଭାପତି କୌଶିକ ଚାନ୍ଦ, ଜିଲ୍ଲା ଭାଜପାର ସାଧାରଣ ସମ୍ପାଦକ ସୁନୀଲ କୁମାର କର, କୃଷକ ନେତା ନୀଳକଣ୍ଠ ଘୋଷ, ଅଜିତ ଚାନ୍ଦ, ଜଗନ୍ନାଥ ପାଇକ ରାୟ, ସଂଘ ପରିବାରର ବରିଷ୍ଠ କର୍ମକର୍ତ୍ତା ବିଜୟ କୁମାର ସିଂ, ରାମଚନ୍ଦ୍ର ଗିରି, ସୁଦୀପ୍ତ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

# ନୋଟିସ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

■ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ
■ବେଧଡ଼କ ଚାଲିଛି ପେଟ୍ରୋଲ ପମ୍ପ

କେନ୍ଦୁଝର,୧୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ବିନା ଅନୁମତିରେ ଚାଲିଥିବା ପେଟ୍ରୋଲ ପମ୍ପଗୁଡ଼ିକୁ ନୋଟିସ ଦେଇ ପ୍ରଶାସନ ଚୁପ୍ ବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଦୀର୍ଘ ବର୍ଷ ହେଲା ବେଆଇନ ଭାବରେ ପେଟ୍ରୋଲ ପମ୍ପ ଚାଲି ଆସୁଥିଲେ ମଧ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ୭ ଦିନ ମଧ୍ୟରେ ଅନୁମତି ପତ୍ର ଆଣିବାକୁ ସମୟ ଦେଇଥିଲା। ଇତିମଧ୍ୟରେ ୭ ଦିନ ବିତିଯାଇଥିଲେ ହେଁ ପେଟ୍ରୋଲ ପମ୍ପ ମାଲିକମାନେ ଅନୁମତି ପତ୍ର ପ୍ରଦାନ କରି ପାରିନାହାନ୍ତି। ଏଣୁ ଖିଲାପି ପେଟ୍ରୋଲ ପମ୍ପ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପଚାପ ବସିବା ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ପ୍ରଶାସନ ପକ୍ଷରୁ ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ଅନେକ ପେଟ୍ରୋଲ ପମ୍ପ କାରଣରୁ ରାସ୍ତା ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି। ସେହିପରି ବେଆଇନ ଭାବରେ ଡିଭାଇଡର ଭାଙ୍ଗିବା, ଭୁଲ୍ ରାସ୍ତାରେ ଗାଡ଼ି ତେଲ ଭର୍ତ୍ତି କରିବାକୁ ଯିବା ଆସିବା କରୁଥିବା ଦୁର୍ଘଟଣାର କାରଣ ବୋଲି ମତପ୍ରକାଶ ପାଉଛି। ଏହାକୁ ନେଇ ଜିଲ୍ଲାରେ ପାଖାପାଖି ୧୨୫ଟି ଡିଲରଙ୍କ ମଧ୍ୟରୁ ଏନ୍‌ଏଚ୍ କଡ଼ରେ ଥିବା ବା ଚାଲିଥିବା ୪୭ ପେଟ୍ରୋଲ ପମ୍ପ ଡିଲରଙ୍କୁ ନୋଟିସ ହୋଇଥିଲା। ଅନ୍ୟପକ୍ଷେ ବିଭିନ୍ନ ତେଲ କମ୍ପାନୀଗୁଡ଼ିକର ସେଲ୍‌ସ ଅଧିକାରୀମାନେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଚୁକ୍ତି ଖିଲାପ କରି ପମ୍ପ ଚଲାଇଥିବା ଡିଲରମାନଙ୍କ ସହିତ ସଲାସୁତରା ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କେତେଜଣ ଡିଲର ମତବ୍ୟକ୍ତ କରୁଛନ୍ତି। ଫଳରେ ନିୟମାନୁଯାୟୀ ପମ୍ପ ଖୋଲିଥିବା ଡିଲରମାନେ ନିରୁତ୍ସାହିତ ହେଉଛନ୍ତି। ଏହାରି ମଧ୍ୟରେ ତେଲ କମ୍ପାନୀର ସେଲ୍‌ସ ଅଧିକାରୀ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ଏନ୍‌ଏଚ୍‌ଏଆଇ ଅନୁମତି ଦାଖଲ ପାଇଁ ସମୟ ମାଗିଥିବା ଜଣାପଡ଼ିଛି। ତେବେ ଏହି ସମୟ ମଧ୍ୟରେ କୌଣସି ଅଘଟଣ ଘଟିଲେ ପ୍ରଶାସନ, ସେଲ୍‌ସ ଅଫିସର ନା ଡିଲର ଦାୟୀ ରହିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ କହିଛନ୍ତି, ପେଟ୍ରୋଲ ପମ୍ପଗୁଡ଼ିକ ଅନୁମତି ପତ୍ର ଦେଇନାହାନ୍ତି। ଏହାକୁ ନେଇ ବିଭିନ୍ନ କମ୍ପାନୀର ସେଲ୍‌ସ ଅଧିକାରୀମାନେ ଅନୁମତି ପତ୍ର ପାଇଁ ସମୟ ମାଗିଛନ୍ତି।

## ବିଶ୍ୱକର୍ମା ଜୟନ୍ତୀ, ରାଷ୍ଟ୍ରୀୟ ଶ୍ରମ ଦିବସ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବାଲେଶ୍ୱର,୧୭।୯(ମାନସ ବିଶ୍ୱାଳ)

ବାଲେଶ୍ୱର ରେଡକ୍ରସ୍ ଭବନ ସମ୍ମିଳନୀ କକ୍ଷରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ବିଶ୍ୱକର୍ମା ଜୟନ୍ତୀ ଓ ରାଷ୍ଟ୍ରୀୟ ଶ୍ରମଦିବସ ରବିବାର ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବିଏମ୍‌ଏସ୍‌ର ଜିଲ୍ଲା ସଭାପତି ସଙ୍ଗୀତା ରାୟ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଶ୍ୱକର୍ମା ଜୟନ୍ତୀ ଉପଲକ୍ଷେ ଜିଲ୍ଲା ତଥା ରାଜ୍ୟରେ କାର୍ଯ୍ୟରତ ଶ୍ରମଜୀବୀ ଭଉଣୀଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ମାନସ କୁମାର ଦତ୍ତ, ସିପ୍ରା ବାଜପେୟୀ, ଶକୁନ୍ତଳା ଗୋଚ୍ଛାୟତ, ଅପର୍ଣ୍ଣା ପରିଡ଼ା, କଳ୍ପଲତା ଦାଶ, ଜାନକୀ ରାଉଳ, ହିମାଂଶୁ ବେରା, ସନ୍ଧ୍ୟାରାଣୀ ଦାଶ, ବାସନ୍ତୀ ମହାନ୍ତି, ଭାରତୀ ସ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସମ୍ପାଦକ ଅରୂପ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

